# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20th July - 2025

***********************************

## ମୁଖ୍ୟ ସମ୍ବାଦ

- ସଂସଦର ମୌସୁମୀ ଅଧିବେଶନ ଆସନ୍ତାକାଲିଠାରୁ ହେବ ଆରମ୍ଭ ।

— ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହେଲା ସର୍ବଦଳୀୟ ବୈଠକ ।

- ରାଜ୍ୟରେ ୮୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ରେଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି; କହିଲେ ରେଳ ରାଷ୍ଟ୍ରମନ୍ତ୍ରୀ ।

- ଉନ୍ନତ ଚିକିତ୍ସା ପାଇଁ  ଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତରିତ ହେଲେ ବଲଙ୍ଗା ପୀଡ଼ିତା ।

ଏବଂ

- ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ବିଚାରାଧୀନ ଅଭିଯୋଗର ସମାଧାନ ପାଇଁ ଆରମ୍ଭ ହେଲା ସ୍ୱତନ୍ତ୍ର ଅଭିଯାନ ।

*Desk*

# ଡେ ମନ୍‌ସୁନ ସେସନ

ସଂସଦର ମୌସୁମୀ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହା ପୂର୍ବରୁ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ଅଧିବେଶନ କାଳରେ ଉଭୟ ସଦନକୁ ସୁରୁଖୁରୁରେ ଚଳାଇବା ଲାଗି ସରକାର ସମସ୍ତ ରାଜନୈତିକ ଦଳ ଗୁଡ଼ିକ ସହ ସହମତି ନେଇ ଆଲୋଚନା କରିଛନ୍ତି । ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟସଭାରେ ଗୃହର ନେତା ଜେ.ପି.ନଡ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଡକ୍ଟର ଏଲ୍ ମୁରୁଗାନ ବୈଠକରେ ଉପସ୍ଥିତ ଥିଲେ ।

ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନ କାଳରେ ଉଭୟ ଗୃହରେ ୨୧ଟି ଲେଖାଏଁ କାର୍ଯ୍ୟଦିବସ ରହିଛି । ସୂଚନା ଅନୁଯାୟୀ ମୌସୁମୀ ଅଧିବେଶନ ସମୟରେ ଜନବିଶ୍ୱାସ ବିଧେୟକ, ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ଏବଂ ଅନ୍ୟକେତେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପସ୍ଥାପନ ହେବାର ସମ୍ଭାବନା ରହିଛି ।

# ପୁରୀ ରେଳଷ୍ଟେସନ୍

ରାଜ୍ୟରେ ରେଳଭିତ୍ତିଭୂମିର ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ରେଳ ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା କହିଛନ୍ତି । ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଆଜି ପୁରୀ ରେଳଷ୍ଟେସନ୍‌ର ଭିତ୍ତିଭୂମିର ଅନୁଧ୍ୟାନ କରିବା ସହିତ ପୂର୍ବତଟ ରେଳବାଇ ପକ୍ଷରୁ ପୁରୀଠାରେ ଚାଲିଥିବା ବିଭିନ୍ନ ରେଳ ଭିତ୍ତିଭୂମିର କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ । ଶ୍ରୀ ସୋମାନ୍ନା କହିଥିଲେ, ରାଜ୍ୟରେ ବର୍ତ୍ତମାନ ଅଣଷଠିଟି ଷ୍ଟେସନ୍‌କୁ ୨ ହଜାର ୩୭୯ କୋଟି ଟଙ୍କା ବ୍ୟୟ କରାଯାଇ ପୁନଃବିକାଶ କରାଯାଉଛି ଏବଂ ଓଡ଼ିଶାରେ ୮୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ରେଳପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ସେ କହିଛନ୍ତି, ପୁରୀ ରେଳଷ୍ଟେସନକୁ ଆସନ୍ତାବର୍ଷ ଜାନୁଆରୀ ମାସରେ ଲୋକାର୍ପିତ ହେବ । ପୁରୀ ରେଳଷ୍ଟେସନର ସ୍ଥିତି ସମୀକ୍ଷା କରିବା ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି–କଟକ, ବାଲେଶ୍ୱର, ଭୁବନେଶ୍ୱର ଓ ସମ୍ବଲପୁରରେ ମଧ୍ୟ ବିଶ୍ୱସ୍ତରୀୟ ରେଳଷ୍ଟେସନ୍ କାର୍ଯ୍ୟ ଖୁବ୍‌ଶୀଘ୍ର ସଂପନ୍ନ ହେବ । ରେଳ ଷ୍ଟେସନରେ ଓ୍ୱାଇଫାଇ, ପ୍ରତୀକ୍ଷାଳୟ, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଉପଲବ୍ଧ ହେବ ।

# ବଳଙ୍ଗା ପୀଡ଼ିତ - ଦିଲ୍ଲୀ ସ୍ଥାନାନ୍ତର

ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମର ପୀଡ଼ିତାଙ୍କୁ ଆଜି ପୂର୍ବାହ୍ନରେ ଦିଲ୍ଲୀ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ - ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି । ସର୍ବୋତ୍ତମ ଚିକିତ୍ସା ବ୍ୟବସ୍ଥା ଦେବାପାଇଁ ଏକ ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ପୀଡ଼ିତାଙ୍କୁ ଦିଲ୍ଲୀ ନିଆଯାଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ଭୁବନେଶ୍ୱର ଏମ୍‌ସ ଡାକ୍ତରଖାନା ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ସୂଚନାଦେଇ କହିଛନ୍ତି, ଦିଲ୍ଲୀ ଏମ୍‌ସରେ ସ୍ୱତନ୍ତ୍ର ଭାବେ ପୀଡ଼ିତାଙ୍କୁ ଚିକିତ୍ସା କରାଯିବ । କମିଶନେରେଟ୍ ପୁଲିସ୍ ପକ୍ଷରୁ ଏୟାର୍‌ଲିଫ୍ଟ ପ୍ରକ୍ରିୟାପାଇଁ ସ୍ୱତନ୍ତ୍ର ଗ୍ରୀନ୍ କରିଡର ବ୍ୟବସ୍ଥା କରାଯାଇଥିଲା । ପୀଡ଼ିତାଙ୍କ ସହିତ ପ୍ରାୟ ୪ ଜଣ ଡାକ୍ତର ଦିଲ୍ଲୀ ଯାଇଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ ଘଟଣାରେ ଅଭିଯୁକ୍ତଙ୍କୁ ଖୋଜି ବାହାର କରିବା ଲାଗି ପୁଲିସ୍ ପକ୍ଷରୁ ତଦନ୍ତ ଜାରି ରହିଛି । ପୁଲିସ୍ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ବାୟାବର ଗ୍ରାମରେ ପହଞ୍ଚି ଅଘଟଣ ଘଟିଥିବା ସ୍ଥାନରେ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଖୁରାନିଆ କହିଛନ୍ତି, ନାବାଳିକା ପୋଡ଼ି ଘଟଣାରେ କିଛି ତଥ୍ୟ ଜଣାପଡ଼ିଛି ।

***Voice :............***

***Desk***

# ବାଲେଶ୍ୱର ପୀଡ଼ିତା - କ୍ରାଇମ୍ ବ୍ରାଞ୍ଚ୍

ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାରେ କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ତଦନ୍ତ ଜାରି ରହିଛି । କ୍ରାଇମ୍ ବ୍ରାଞ୍ଚ୍ ମହାନିର୍ଦ୍ଦେଶକ ବିୟନତୋଷ ମିଶ୍ର ଘଟଣାସ୍ଥଳ ବୁଲି ଦେଖିବା ସହିତ ତଦନ୍ତର ଅଗ୍ରଗତିନେଇ ସମୀକ୍ଷା କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମିଶ୍ର କହିଛନ୍ତି :

***Voice :.......***

***Desk***

# ୟୁଏଲ୍‌ବି

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା-ୟୁଏଲ୍‌ବି ଗୁଡ଼ିକରେ ସମସ୍ତ ବିଚାରାଧୀନ ଅଭିଯୋଗର ସମାଧାନ ପାଇଁ ଏକ ଉତ୍ସର୍ଗୀକୃତ ସ୍ୱତନ୍ତ୍ର ଅଭିଯାନର ଘୋଷଣା କରାଯାଇଛି । ଆଜିଠାରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିବା ଜନଶୁଣାଣି, କେନ୍ଦ୍ରୀକୃତ ଜନ ଅଭିଯୋଗ ସମାଧାନ, ମନିଟରିଂ ସିଷ୍ଟମ୍ ଏବଂ ହେଲ୍‌ପ ଡେସ୍କ ମାଧ୍ୟମରେ ବିଭିନ୍ନ ଅଭିଯୋଗର ସମାଧାନ କରାଯିବ ।

*Bhadrak/R*

## ବିଜ୍ଞାନ ଉଦ୍ୟାନ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଆରଡ଼ି ପୀଠରେ ରାଜ୍ୟ ବିଜ୍ଞାନ ପ୍ରଯୁକ୍ତି ବିଭାଗ ପ୍ରମୁଖ ସଚିବ ଚିତ୍ରା ଆରୁମୁଗମ୍‌ଙ୍କ ସହ ପାଞ୍ଚଜଣିଆ ପ୍ରତିନିଧି ଦଳ ଆଜି ବିଜ୍ଞାନ ଉଦ୍ୟାନ ବୁଲିଛନ୍ତି । ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜ୍ଞାନ ଉଦ୍ୟାନର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାପାଇଁ ଆବଶ୍ୟକ ଅର୍ଥ ଖୁବ୍‌ଶୀଘ୍ର ମଞ୍ଜୁରି କରାଯିବ ବୋଲି ସଚିବ ଚିତ୍ରା ଅରୁମୁଗମ୍ କହିଛନ୍ତି ।

*Kalahandi/R*

## ଖୁଣ୍ଟିଆ - ଚାରାରୋପଣ

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଆଜି ତାଙ୍କର କଳାହାଣ୍ଡି ଗସ୍ତର ଦ୍ୱିତୀୟ ଦିନରେ ଭବାନୀପାଟଣାସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ନିକଟରେ ଜଙ୍ଗଲ ବିଭାଗ ପକ୍ଷରୁ ଚାଲିଥିବା ଚାରାରୋପଣ ଅଞ୍ଚଳକୁ ବୁଲି ଦେଖିଥିଲେ । ଏହାପରେ ଜୁନାଗଡ଼ ବ୍ଲକ୍ କୋଏଲା ଗ୍ରାମଠାରେ ୩୨ ହଜାର ଚାରା ରୋପଣ କରାଯାଇ ଜଙ୍ଗଲ ସୃଷ୍ଟି କରାଯାଇଥିବା ଅଞ୍ଚଳ ବୁଲି ଦେଖିବା ସହିତ କଲମପୁର ବ୍ଲକ୍ ଗସ୍ତ କରି ନିର୍ମାଲ୍ୟ କ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରଠାରେ ଆୟୋଜିତ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ ସାମିଲ୍ ହୋଇ କହିଛନ୍ତି :

***Voice*** :..........

*Jajpur/R*

## ଦୃଷ୍ଟିବାଧିତ ଛାତ୍ରଛାତ୍ରୀ

ଯାଜପୁର ଜିଲ୍ଲା  ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦଶରଥପୁର ନେତାଜୀ ଦୃଷ୍ଟି ବାଧିତ ସ୍ୱତନ୍ତ୍ର ବିଦ୍ୟାଳୟର ୫ ଜଣ ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ ବ୍ରେଲି ପ୍ରଶିକ୍ଷଣ ସାମଗ୍ରୀ ପ୍ରଦାନ କରାଯାଇଛି । ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ିଇ ଭଲ ମଣିଷ ହେବାପାଇଁ ଉପଦେଶ ଦେଇଥିଲେ ।

*Nabarangpur/R*

## ଦାଦନମୁକ୍ତ ଜିଲ୍ଲା

ନବରଙ୍ଗପୁର ଜିଲ୍ଲାକୁ ଦାଦନମୁକ୍ତ ଜିଲ୍ଲାଭାବେ ପରିଣତ କରିବାପାଇଁ ଜିଲ୍ଲାର ସମସ୍ତ ସରକାରୀ ବିଭାଗ ସହାୟତାରେ ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି । ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇ ମନ୍ତ୍ରୀ ଶ୍ରୀ ନାଏକ ଆଜି ୨୫୧ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ୫୦ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରିବା ସହିତ ଶ୍ରମ ବିଭାଗର ବିଭିନ୍ନ

ଯୋଜନାର ହିତାଧିକାରୀଙ୍କୁ ଆର୍ôଥିକ ସହାୟତା ପ୍ରଦାନ କରିଥିଲେ । ଆଜିର ବିଭିନ୍ନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ଗୌରଶଙ୍କର ମାଝୀ ଓ ବିଧାୟକ ନରସିଂହ ଭତ୍ରା ଉପସ୍ଥିତ ଥିଲେ ।

***Boudh/R***

# ପୋଶ୍ କର୍ମଶାଳା

ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଅସଦାଚରଣ ନିରାକରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ପୋଶ୍ ଆଇନ-୨୦୧୩ ସମ୍ପର୍କରେ ଆଲୋଚନା କରାଯିବା ସହ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏ ସମ୍ପର୍କିତ ଆଭ୍ୟନ୍ତରୀଣ କମିଟି ଗଠନ କରିବା ନେଇ ନିଷ୍ପତ୍ତି ନିଆଯାଇଛି ।

***Koraput/R***

# ଦୁର୍ଘଟଣା

ସୁନାବେଡ଼ା ୨୬ ନମ୍ବର ଜାତୀୟ ରାଜପଥ ଟି.ଟି.ଏସ୍. ଗେଟ୍ ନିକଟରେ ଗତକାଲି ବିଳମ୍ବିତ ରାତିରେ ଘଟିଥିବା ଦୁର୍ଘଟଣାରେ ୩ ଜଣଙ୍କର

ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଦୁଇଟି କାର୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଦୁଇଜଣଙ୍କର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ପୁଲିସ୍ ସୂତ୍ରରୁ ପ୍ରକାଶ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଚାରି ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନପାଇଁ ଘୋଷଣା କରିଛନ୍ତି । ଆହତଙ୍କ ସମସ୍ତ ଚିକିତ୍ସା ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Dhenkanal/R***

# ଫାଇଲେରିଆ ନିରାକରଣ ବୈଠକ

ଢେଙ୍କାନାଳ ଜିଲ୍ଲା ସମ୍ମିଳନୀ କକ୍ଷରେ ଫାଇଲେରିଆ ନିରାକରଣ ସମ୍ପର୍କିତ ଦ୍ୱିତୀୟ ସମନ୍ୱିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆସନ୍ତାମାସ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲ୍ଲାର ୬ ଲକ୍ଷ ୬୫ ହଜାର ଲୋକ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ଜଣାପଡ଼ିଛି ।

***Nuapada/R***

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନୂଆପଡ଼ା ନିର୍ବାଚନମଣ୍ଡଳିର ୫ଟି ଏବଂ ଖଡ଼ିଆଳ ନିର୍ବାଚନ ମଣ୍ଡଳିର ୩ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରୂପାନ୍ତରିତ କରାଯାଇଛି । ସେଗୁଡ଼ିକ ମଧ୍ୟରେ ନୂଆପଡ଼ା ଜିଲ୍ଲାର ସାରାବଙ୍ଗ, ବଞ୍ଜିବହାଲ, ଛତା, ଭେଲା ଓ ସଲଙ୍ଗିପଡ଼ା ଏବଂ ଖଡ଼ିଆଳର ଲାଞ୍ଜି, ଲର୍କା ଏବଂ ସିଂଘଝରା ହାଇସ୍କୁଲ୍ ରହିଛି ।

***Boudh/R***

## ଦୁର୍ଘଟଣା - ସମୀକ୍ଷା ବୈଠକ

ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା ସମ୍ପର୍କିତ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦୁର୍ଘଟଣା ରୋକିବାପାଇଁ ପରିବହନ ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସମୀକ୍ଷା କରାଯାଇଥିଲା । ଶୂନ୍ୟଦୁର୍ଘଟଣାକୁ ଗୁରୁତ୍ୱ ଦେବାପାଇଁ ଜିଲ୍ଲାପାଳ ଶ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ । ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପରିବହନ ଓ ପୁଲିସ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

*Malkangiri/R*

# ତାଲିମ୍ ଶିବିର

ମାଲକାନଗିରି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଜିଲ୍ଲା ପରିଷଦ ପକ୍ଷରୁ ସୁସ୍ଥ ଓ ସଚେତନ ପଞ୍ଚାୟତ ଗଠନପାଇଁ ଚାଲିଥିବା ତିନିଦିନିଆ ତାଲିମ୍ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତରୁ ଆସିଥିବା ୫୬ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଯକ୍ଷ୍ମାମୁକ୍ତ ପଞ୍ଚାୟତ, ପୁଷ୍ଟିହୀନତା ଓ ରକ୍ତହୀନତାର ନିବାରଣ ସମ୍ପର୍କରେ ତାଲିମ୍ ଦିଆଯାଇଥିଲା ।

*****